# NATIONAL NEWS BULLETIN (ODIA)

**11 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସାରା ବିଶ୍ୱ ଭାରତୀୟ ଯୁବପିଢ଼ିର ଦକ୍ଷତା ପ୍ରତି ଆକର୍ଷିତ ହେଉଛି, କହିଲେ ପ୍ରଧାନମନ୍ତ୍ରୀ

- ଝାଡ଼ଖଣ୍ଡ ବିଧାନସଭାର ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ନିମନ୍ତେ ବୁଥ୍ ଯାତ୍ରା ଆରମ୍ଭ କଲେ ପୁଲିଂ ପାର୍ଟି

- ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କଲେ ବିଚାରପତି ସଞ୍ଜୀବ ଖାନ୍ନା

- ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲେ ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ

ଏବଂ

- ବିହାରର ରାଜଗିରିଠାରେ ଆଜିଠାରୁ ଆରମ୍ଭ ହେବ ମହିଳା ଏସିଆ ହକି ଚମ୍ପିୟାନ୍ସ ଟ୍ରଫି

## ପିଏମ୍ ସ୍ୱାମୀନାରାୟଣ ମନ୍ଦିର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସାରା ବିଶ୍ୱ ଭାରତୀୟ ଯୁବପିଢ଼ିର ଦକ୍ଷତା ପ୍ରତି ଆକର୍ଷିତ ହୋଇଛି । ସେ କହିଛନ୍ତି ବର୍ତ୍ତମାନ ବିଶ୍ୱର ଅନେକ ଦେଶରେ ନେତାମାନେ ଆଶା କରୁଛନ୍ତି ଯେ ଭାରତର ଯୁବପିଢ଼ି

ସେମାନଙ୍କ ଦେଶରେ କୁଶଳୀ ଶକ୍ତି ଭାବରେ କାର୍ଯ୍ୟ କରନ୍ତୁ । ଆଜି ସକାଳେ ଗୁଜରାଟର ବଡ଼ତାଲ ସ୍ଥିତ ଶ୍ରୀ ସ୍ୱାମୀନାରାୟଣ ମନ୍ଦିରର ୨୦୦ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଭାସୀ ଜରିଆରେ ଏହା କହିଛନ୍ତି । ସେ କହିଛନ୍ତି ଆଗାମୀ ଦିନରେ ଭାରତୀୟ ଯୁବଶକ୍ତିର ଚାହିଦା ସାରା ବିଶ୍ୱରେ ଆହୁରି ବୃଦ୍ଧି ପାଇବ । ବିକଶିତ ଭାରତ ପାଇଁ ଯୁବକମାନଙ୍କୁ ସଶକ୍ତ କରିବାକୁ ହେବ ଏବଂ ସେମାନଙ୍କୁ ଦେଶର କୁଶଳୀ ଯୁବଶକ୍ତିରେ ପରିଣତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ସରକାରଙ୍କ ପକ୍ଷରୁ ୨୦୦ ଟଙ୍କିଆ ରୁପା ମୁଦ୍ରା ଏବଂ ସ୍ମାରକୀ ଡାକଟିକଟ ଜାରି କରାଯାଇଥିବାରୁ ଶ୍ରୀ ମୋଦୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।  ସେ କହିଛନ୍ତି ୨୦୦ ବର୍ଷ ପୂର୍ବେ ଭଗବାନ ସ୍ୱାମୀନାରାୟଣଙ୍କ ଦ୍ୱାରା ସ୍ଥାପିତ ବଡ଼ତାଲ ଧାମ ଆଧ୍ୟାତ୍ମିକ ଚେତନାକୁ ଉଜ୍ଜୀବିତ ରଖିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି ଏହି ମନ୍ଦିର ଭାରତୀୟ ସଂସ୍କୃତିର ଏକ ଶାଶ୍ୱତ ପ୍ରବାହର ପ୍ରମାଣ ଅଟେ ।

## ଝାଡ଼ଖଣ୍ଡ ପୋଲିଂ ପାର୍ଟି

ଝାଡ଼ଖଣ୍ଡ ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ନିମନ୍ତେ ପୋଲିଂ ପାର୍ଟି ଗୁଡ଼ିକ ଆଜିଠାରୁ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକୁ ଯାତ୍ରା ଆରମ୍ଭ କରିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର କହିଛନ୍ତି ୫ଟି ଜିଲ୍ଲାର ୨୨୫ଟି ଭୋଟ୍ ଗ୍ରହଣ କେନ୍ଦ୍ରକୁ ଆଜିଠାରୁ କର୍ମଚାରୀମାନଙ୍କୁ ପଠାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି ପଶ୍ଚିମ ସିଂହଭୂମ, ଲାଟେହାର, ଲୋହାର ଡାଗା, ଗରୁଆ ଏବଂ ଗୁମ୍‌ଲା । ଏହି ସବୁ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକ ସମ୍ବେଦନଶୀଳ ବୋଲି ଜଣାପଡ଼ିଛି । ଶ୍ରୀ

